ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.12, Issue.62, Thursday, 03 July 2025, Puri, Pages - 21, Rs. 7/- ■ ଦ୍ୱାଦଶ ବର୍ଷ, ସଂଖ୍ୟା-୬୨, ଗୁରୁବାର, ୦୩ ଜୁଲାଇ ୨୦୨୫, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୭ ଟଙ୍କା

୫ ଲକ୍ଷ ଜମାକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ବ୍ୟୁରୋ)

ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଅର୍ଥ ଫେରସ୍ତ ପାଇବେ। ଏଥି ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ମୋହନ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲାସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏତଦ୍‌ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟର ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଥିବା ଅତିରିକ୍ତ ୫ ଲକ୍ଷ ଛୋଟ ନିବେଶକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଏହି ନିବେଶକମାନେ ଆଗାମୀ ତିନିରୁ ଚାରି ମାସ ମଧ୍ୟରେ ନିଜର ଟଙ୍କା ଫେରସ୍ତ ପାଇବେ। ସିଏମଓ କହିଛି ଯେ, ନୂଆ ସରକାର ଗତ ଏକ ବର୍ଷ ମଧ୍ୟରେ ୧,୨୬,୧୩୭ ଛୋଟ ନିବେଶକଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଅନ୍ୟପକ୍ଷରେ, ଅଧିକାରୀମାନେ ଦାବି କରିଛନ୍ତି ଯେ, ୨୦୧୪ ରୁ ୨୦୨୪ ମଧ୍ୟରେ ପୂର୍ବତନ ବିଜେଡି ସରକାର ମାତ୍ର ୨,୭୯,୧୦୯ ଛୋଟ ନିବେଶକଙ୍କୁ ୧୧୯ କୋଟି ଟଙ୍କା ଫେରସ୍ତ କରିଥିଲେ। ବିବୃତି ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଚିଟ୍ ଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳ ଓ ବିକେନ୍ଦ୍ରୀକରଣ କରିଛନ୍ତି। ଏହି ପଦକ୍ଷେପ ରାଜ୍ୟରେ ଚିଟ୍ ଫଣ୍ଡ ଠକେଇରେ ■ ପୃଷ୍ଠା-୧୫

ବିଏମସି ଆକ୍ରମଣ ପ୍ରସଙ୍ଗ: ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ !

ଜଗନ୍ନାଥ ପ୍ରଧାନଙ୍କ ସହ ଆଲୋଚନା କଲେ ବିଜେପି ସଭାପତି

ସରକାର ନେବେ ନିଷ୍ପତ୍ତି: ମନମୋହନ

ଭୁବନେଶ୍ୱର(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଫିସରେ ଜଣେ ଓଏଏସ୍ ଅଧିକାରୀ ତଥା ନିଗମର ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ବଡ଼ ଖବର ସାମ୍ନାକୁ ଆସିଛି। ବୁଧବାର ଅଭିଯୁକ୍ତ ତଥା ବିଏମ୍‌ସି କର୍ପୋରେଟର ଜଗନ୍ନାଥ ପ୍ରଧାନଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ସେ ସରେଣ୍ଡର କରିପାରନ୍ତି ନଚେତ ଦଳରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କୁହାଯାଉଥିଲା। ହେଲେ ରାତି ସୁଦ୍ଧା ସେଭଳି କିଛି ହେବା ଭଳି ମନେ ହେଉନାହିଁ। କହିବାକୁ ଗଲେ ସବୁକିଛିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।ଜଗନ୍ନାଥ ସଂନ୍ଧ୍ୟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଘଣ୍ଟାଏ ଧରି ବୈଠକ ଚାଲିଥିଲା। ଏହି ବୈଠକ ପରେ କାର୍ଯ୍ୟାଳୟ ବାହାରେ ପ୍ରତିକ୍ରିୟା ରଖି ସେ କେବଳ ଦୁଇ ଧାଡ଼ି କହି ଏଡ଼ାଇ ଯାଇଛନ୍ତି। ସଭାପତି ମୋତେ ଡାକିଥିଲେ, ଆବଶ୍ୟକୀୟ ଆଲୋଚନା ପରେ ମୁଁ ଏବେ ଘରକୁ ଯାଉଛି ବୋଲି ସେ କହି ଗାଡ଼ିରେ ବସି ଚାଲିଯାଇଥିଲେ। ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ, ସେ ଓ ତାଙ୍କ ସହଯୋଗୀମାନେ ବିଏମସି ଅଫିସରେ ଜନଶୁଣାଣି ସମୟରେ ରତ୍ନାକର ସାହୁଙ୍କ ଚାମ୍ବରରେ ପଶି ତାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ରତ୍ନାକର ସାହୁ ଅସୁସ୍ଥ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଖାରବେଳ ନଗର ଥାନା ପୁଲିସ ଏହି ମାମଲାରେ ଜଗନ୍ନାଥ ପ୍ରଧାନଙ୍କ ସମେତ ରଶ୍ମୀ ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଛି। ଏହି ଘଟଣା ରାଜଧାନୀ ଭୁବନେଶ୍ୱରରେ ରାଜନୈତିକ ଓ ପ୍ରଶାସନିକ ମହଲରେ ତୀବ୍ର ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଏହି ମାମଲାରେ ତଦନ୍ତ ଜାରି ରଖିଛି ଏବଂ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଜଗନ୍ନାଥ ପ୍ରଧାନଙ୍କ ଭବିଷ୍ୟତ ରାଜନୈତିକ ପଦକ୍ଷେପ ଏବଂ ଭାଜପାର ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଅଭିଯୋଗରେ ଗିରଫ ହୋଇଥିବା ବିଜେପି କର୍ପୋରେଟର ଜଗନ୍ନାଥ ପ୍ରଧାନଙ୍କ ମାମଲାକୁ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗୁରୁତ୍ୱପୂର୍ଣ୍ଣ ■ ପୃଷ୍ଠା-୧୫

ଗ୍ରାମବାସୀଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି(ଅମୃତ ମିଡିଆ)

କେନ୍ଦ୍ର ଓ ରାଜ୍ୟ ସରକାର ବୃହତ୍ ଯୋଜନା ମାଧ୍ୟମରେ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ଯୋଜନା କରୁଛନ୍ତି। କିନ୍ତୁ ମାଓବାଦୀମାନେ ମଝିରେ ମଝିରେ ରକ୍ତପାତ କରୁଛନ୍ତି। ସୁଯୋଗ ପାଇଲେ ପ୍ରଜାକୋର୍ଟ କରି ନୀରିହ ଗ୍ରାମବାସୀଙ୍କୁ ହତ୍ୟା କରିବାକୁ ପଛାଉ ନାହାନ୍ତି। ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ମାଓବାଦୀମାନେ ଏଠାରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ପେରମପଲ୍ଲୀ ଗ୍ରାମର ଜଣେ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଗତକାଲି ରାତିରେ ସଶସ୍ତ୍ର ନକ୍ସଲ ପେରମପଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର କାବାସି ହୁଙ୍ଗା ନାମକ ବ୍ୟକ୍ତିଙ୍କୁ ଖୋଜିଥିଲେ। ଘର ପାଇବା ପରେ ଘରୁ କାବାସି ହୁଙ୍ଗାକୁ ଟାଣିଟାଣି ଜଂଗଲ ଭିତରକୁ ନେଇ କିଛି ଘଣ୍ଟା ମଧ୍ୟରେ ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିଲେ। ପରେ ଗ୍ରାମବାସୀ ଜଂଗଲରୁ କାବାସି ହୁଙ୍ଗାଙ୍କ ମୃତଦେହ ଉଦ୍ଧାର କରି ପୁଲିସକୁ ସୂଚନା ■ ପୃଷ୍ଠା-୧୫

ଭାରତକୁ ମିଳିଲା ଆମେରିକାର ଲଢୁଆ ଆପାଚେ ହେଲିକପ୍ଟର

ପାକ୍ ସୀମାରେ ହେବ ମୁତୟନ

ନୂଆଦିଲ୍ଲୀ

ଅନେକ ବିଳମ୍ବ ପରେ ଭାରତୀୟ ସେନାକୁ ମିଳିଛି ପ୍ରଥମ ପର୍ଯ୍ୟାୟରେ ଅତ୍ୟାଧୁନିକ ଆପାଚେ ଲଢୁଆ ହେଲିକାପ୍ଟର। ଏହି ହେଲିକାପ୍ଟରଗୁଡ଼ିକ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ମୁତୟନ କରାଯିବ, ଯାହା ଭାରତୀୟ ସେନାର ଯୁଦ୍ଧ କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ। ଏହି ଖବର ଭାରତୀୟ ସେନାର ପଶ୍ଚିମ ସୀମାରେ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ୬୦୦ ମିଲିୟନ ଡଲାରର ଏକ ଚୁକ୍ତି ଅନୁଯାୟୀ, ଭାରତୀୟ ସେନା ୨୦୨୪ ମେ-ଜୁନ ମାସ ମଧ୍ୟରେ ଛଅଟି ଆପାଚେ ହେଲିକାପ୍ଟର ପାଇବାର ଆଶା ରଖିଥିଲା। କିନ୍ତୁ ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାର କାରଣ ଭାବେ ଆମେରିକାର ବୋଇଙ୍ଗ କମ୍ପାନୀ ଉତ୍ପାଦନରେ କାରିଗରୀ ସମସ୍ୟାକୁ ଦାୟୀ କରିଛି। ଏବେ ବୋଇଙ୍ଗ ପକ୍ଷରୁ ଜୁଲାଇ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ହେଲିକାପ୍ଟର ଯୋଗାଇ ଦିଆଯାଇଛି ଏବଂ ଅକ୍ଟୋବର ୨୦୨୫ ସୁଦ୍ଧା ମୋଟ ଛଅଟି ଆପାଚେ ହେଲିକାପ୍ଟରର ଯୋଗାଇ ଦେବା ବୋଲି ଘୋଷଣା କରାଯାଇଛି।ଏହି ଅତ୍ୟାଧୁନିକ ଆପାଚେ ହେଲିକାପ୍ଟରଗୁଡ଼ିକୁ ପାକିସ୍ତାନ ସୀମା ନିକଟସ୍ଥ ରାଜସ୍ଥାନର ଯୋଧପୁର ସୈନ୍ୟ ବେସରେ ମୁତୟନ କରାଯିବ। ଏହି ସ୍ଥାନରେ ଏକ ବିଶେଷ ଆପାଚେ ଆକ୍ରମଣ ହେଲିକାପ୍ଟର ସ୍କ୍ୱାଡ୍ରନ ଗଠନ କରାଯିବ, ଯାହା ଭାରତୀୟ ସେନାର ଏଭିଏସନ କର୍ପସର ଅଂଶ ହେବ। ଏହି ସ୍କ୍ୱାଡ୍ରନ ପଶ୍ଚିମ ସୀମାରେ ସୈନ୍ୟର ଆକ୍ରମଣ କ୍ଷମତାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ବୋଇଙ୍ଗ ଦ୍ୱାରା ନିର୍ମିତ ଆପାଚେ ହେଲିକାପ୍ଟର ହେଉଛି ବିଶ୍ୱର ସବୁଠାରୁ ଉନ୍ନତ ଆକ୍ରମଣ ହେଲିକାପ୍ଟରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହାର ଅଜଣା ଆକ୍ରମଣ କ୍ଷମତା, ଅତ୍ୟାଧୁନିକ ସେନସର ଏବଂ ସଠିକତା ସହ ଲକ୍ଷ୍ୟଭେଦୀ ଅସ୍ତ୍ର ବ୍ୟବସ୍ଥା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତୁଳନୀୟ ଶକ୍ତି ପ୍ରଦାନ କରୁଛି। ଏହା ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ଏବଂ ଅସ୍ତ୍ରଶସ୍ତ୍ର ବହନ କରିବାରେ ସକ୍ଷମ, ଯାହା ଶତ୍ରୁ ସୈନ୍ୟ ଓ ସମର ଟ୍ୟାଙ୍କ ନଷ୍ଟ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ। ଏହି ହେଲିକାପ୍ଟରର ମୁତୟନ ପାକିସ୍ତାନ ସୀମା ନିକଟସ୍ଥ ଅଞ୍ଚଳରେ ଭାରତୀୟ ସେନାର ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବ। ଏହା ଅପରେସନ ସିନ୍ଦୂର ଭଳି ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତୀୟ ସେନାର ଶକ୍ତିଶାଳୀ ଉପସ୍ଥିତିକୁ ଆହୁରି ବୃଦ୍ଧି କରିବ। ଏହା ଅଞ୍ଚଳୀୟ ସ୍ଥିରତା ଓ ନିରାପତ୍ତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଆରମ୍ଭ ହେଲା ବାହୁଡ଼ା ପାଇଁ ପ୍ରସ୍ତୁତି ପର୍ବ

ନାକଚଣା ଦ୍ୱାରରେ ଲାଗିଲା ତାଳଧ୍ୱଜ ଓ ଦର୍ପଦଳନ

ପୁରୀ(ବ୍ୟୁରୋ)

ଶ୍ରୀମନ୍ଦିରରୁ ମା ଲକ୍ଷ୍ମୀ ସାଆନ୍ତାଣୀ ଆସି ଆଡପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ କରିବା ସହ ପ୍ରଭୁଙ୍କୁ ବାହୁଡ଼ିବା ପାଇଁ ମୋହଚୂର୍ଣ୍ଣ ପକାଇଥିଲେ । ମା ଲକ୍ଷ୍ମୀଙ୍କ ଦେଢ଼ଶୁର ପାଖରେ ଥିବାରୁ ଗର୍ଭଗୃହ ଧଡକରି ପକାଯାଇଥିଲା । ଏଥିରେ ମା ରାଗିକରି ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ହେରାଗୋହିରି ସାହିଦେଇ ବାହୁଡ଼ିଥିଲେ । ବୁଧବାର ଠାରୁ ବାହୁଡ଼ା ପାଇଁ ପ୍ରସ୍ତୁତ ପର୍ବ ଆରମ୍ଭ ହୋଇଛି । ଆଜି ସକାଳଧୂପ ନୀତି ପରେ ତିନି ଠାକୁରଙ୍କ ଆଜ୍ଞାମାଳ ତିନିଜଣ ପାଳିଆ ପୂଜାପଣ୍ଡା ହାତରେ ଧରି ତିନିରଥରରେ ଲାଗି କରିଥିଲେ । ଏହାପରେ ତିନିରଥର ଦକ୍ଷିଣମୋଡ ଆରମ୍ଭ ହୋଇଥିଲା । ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଠାରୁ ରଥ ମୋଡଖାଇ ତାଳଧ୍ୱଜ ଓ ଦର୍ପଦଳନ ନାକଚଣା ଦ୍ୱାର ଆସି ଲାଗିଥିଲା । ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ପୋଲିସ ପ୍ରଶାସନ ପକ୍ଷରୁ ଟଣା ଯାଇଥିଲା । ପରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ଓ ଶେଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଯାଇଥିଲା । ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ରଥ ଟାଣିଥିଲେ । ଶରଧାବାଲି ପୂର୍ବରୁ ବାଲିମୟ ଥିଲା । ପିଚୁ ହେବା ପରେ ରଥ ଚକର ମୋଡ ପାଇଁ ପିଚୁ ଉପରେ ବାଲି ପକାଯାଇଛି । ରଥ ଉପରେ ଘଣ୍ଟୁଆ ମାନେ ତାଳେ ତାଳେ ଘଣ୍ଟ ବଜାଉଥିଲେ । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଲାଗିଛି । ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସଂଧ୍ୟା ଓ ବର୍ଷା ଯୋଗୁ ଦକ୍ଷିଣମୋଡରେ ଆସି ବାଟରେ ଅଟକିଛି । ଗୁରୁବାର ସକାଳ ୯ଟାରେ ନନ୍ଦିଘୋଷ ରଥ ଟଣାଯାଇ ନାକଚଣା ଦ୍ୱାରରେ ଲାଗିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ସେ କହିଲେ...

ନିର୍ବାଚନ କମିଶନଙ୍କ ଉପରେ ସିଧାସଳଖ ଅଭିଯୋଗ ଆଣି ତେଜସ୍ୱୀ କହିଛନ୍ତି, ଆମେ ଆମର ପ୍ରତିନିଧି ଦଳ ସହିତ ନିର୍ବାଚନ କମିଶନଙ୍କୁ ଭେଟିବାକୁ ବାରମ୍ବାର ଅନୁରୋଧ କରିଆସୁଛୁ । କିନ୍ତୁ ଦୁର୍ଭାଗ୍ୟଜନକ କଥା ଯେ ସେ ଆମକୁ ଭେଟୁ ନାହାନ୍ତି । ଯେଉଁ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଛି, ଯଦି ବିରୋଧୀ ଦଳ ନିର୍ବାଚନ କମିଶନଙ୍କୁ ଭେଟିବାକୁ ଚାହାନ୍ତି ତେବେ ନିର୍ବାଚନ କମିଶନ ସେମାନଙ୍କୁ ଭେଟିବା ପାଇଁ ସମୟ ଦେବା କଥା ହେଲେ ସେ ଦେଉନାହାନ୍ତି । ଆମେ ପୂର୍ବରୁ ଏଭଳି କେବେ ଦେଖିନାହୁଁ । ଏହିଭଳି ଲୋକମାନେ ଗଣତନ୍ତ୍ରକୁ ନଷ୍ଟ କରିବାରେ ଲାଗିଛନ୍ତି ଏବଂ ନିର୍ବାଚନ କମିଶନ ସମ୍ବିଧାନକୁ ଖଣ୍ଡ ଖଣ୍ଡ କରିବାକୁ ନିଷ୍ପତ୍ତି ବୋଧେ ନେଇ ସାରିଛନ୍ତି ।

●●● **ତେଜସ୍ୱୀ ଯାଦବ**
ଆର୍‌ଜେଡି ନେତା

ଲୌହ ମାଙ୍ଗାନିଜ ଚୋରି ବେଳେ ଅତଡ଼ା ଖସି ତିନି ଶ୍ରମିକ ମୃତ

ଯୋଡ଼ା(ଅମୃତ ମିଡ଼ିଆ)

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଦଲ ପାହାଡ଼ ନିକଟରେ ଏକ ପରିତ୍ୟକ୍ତ ଖଣିରୁ ମାଫିଆ ମାନେ ଶ୍ରମିକ ଲଗାଇ ମାଙ୍ଗାନିଜ ଉତ୍ତୋଳନ କରୁଥିବା ବେଳେ ମାଟି ଅତଡା ଖସ୍ବିରୁ ତିନି ଜଣ ଶ୍ରମିକ ପୋତି ହେଇଗଲେ। ସେଠାରେ ଥିବା ଅନ୍ୟ ଶ୍ରମିକ ଓ ଚୋରାକାରବାର ରେ ସମ୍ପୃକ୍ତ ଯୁବକ ମାନେ ଘଟଣା ସ୍ଥଳ ଛାଡ଼ି ଗଲା ବେଳେ ନିକଟ ବସ୍ତିବାସିନ୍ଦା ଙ୍କୁ ଏହି ବିଷୟରେ ସୂଚନା ଦେଇଥିଲେ, ଏହି ଘଟଣା ପ୍ରଘଟ ହେବାରୁ ପୋଲିସ ପ୍ରଶାସନ, ଜଙ୍ଗଲ ଓ ଖଣି ବିଭାଗ ପକ୍ଷରୁ ବହୁ ଚେଷ୍ଟା କରାଯାଇଥିଲେବି ମାଟି ଅତଡ଼ା ରୁ ଶ୍ରମିକ ମାନଙ୍କୁ ବାହାର କରିପାରିନଥିଲେ। ବିଳମ୍ବିତ ରାତିରେ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ରେ ଲାଗିପଡିଥିଲେ ଭୋର ସମୟରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଟାଟା ଷ୍ଟିଲ ଡାକ୍ତର ଖାନାକୁ ପୋଲିସ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କଲାପରେ , ମୃତକଙ୍କୁ ମଇଶ୍ଚର ରେ ରଖି ପୋଲିସ ତଦନ୍ତ କରୁଥିବା ଜଣାପଡିଛି। ଚୋରା ଖଣିଜ କାରବାର ଏବେ ଯେମିତି ଲଗାମ ଛଡ଼ା ହୋଇଯାଇଛି ବୋଲି ସ୍ଥାନୀୟ ଅଞ୍ଚଳରେ ■ ପୃଷ୍ଠା-୧୫

ଆକସ୍ମିକ ମୃତ୍ୟୁର କାରଣ ନୁହେଁ କୋଭିଡ ଟିକା

ICMR ଏବଂ NCDC ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଖଣ୍ଡନ

ନୂଆଦିଲ୍ଲୀ

ଆକସ୍ମିକ ମୃତ୍ୟୁର କାରଣ ନୁହେଁ କୋଭିଡ ଟିକା । ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ICMR ଏବଂ ନ୍ୟାଶନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଘଉଉଉ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମୃତ୍ୟୁ ସଂପର୍କିତ ଅଭିଯୋଗକୁ ଖାରଜ କରାଯାଇଛି । ଭାରତରେ କରୋନା ମହାମାରୀ ପରେ କୋଭିଡ୍ ଟିକା ନେଇଥିବା ଲୋକଙ୍କ ଆକସ୍ମିକ ମୃତ୍ୟୁ ହେଉଛି ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।ଏମିତିକି ଚାଲିବା, ବୁଲିବା ବେଳେ ଲୋକଙ୍କର ଆକସ୍ମିକ ମୃତ୍ୟୁ ହେଉଥିବା କୁହାଯାଇଥିଲା । ତେବେ ଏହି ଦାବିକୁ ଖାରଜ କରାଯାଇଛି । ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ରିସର୍ଚ୍ଚ ଏବଂ ଅନୁଧ୍ୟାନରୁ କୋଭିଡ ଟିକା ସହ ହୃଦଘାତ ସଂପର୍କରେ କୌଣସି ସିଧାସଳଖ ସଂପର୍କ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବରଂ ଏହି ଟିକା ନିରାପଦ ଏବଂ ଫଳପ୍ରଦ ସାବ୍ୟସ୍ତ ହୋଇଛି । ଟିକା ନୁହେଁ, ବରଂ ଲୋକଙ୍କ ଜୀବନ ଶୈଳୀ, ଜିନ୍ ଗତ ପାଇଁ ଆକସ୍ମିକ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିବୃତ୍ତି ଜାରି କରି କହିଛି ଯେ, କୋଭିଡ୍ -୧୯ ଟୀକା ସହ ଯୁବ ଓ ବୟସ୍କଙ୍କ ମଧ୍ୟରେ ଦେଖା ଦେଉଥିବା ହୃଦଘାତର କୌଣସି ସମ୍ପର୍କ ନାହିଁ । କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପୂର୍ବରୁ କହିଥିଲେ ଯେ, ରାଜ୍ୟରେ କୋଭିଡ୍ ଟୀକା ସହ ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ଜଡିତ । ବିଶେଷକରି ଦେଶରେ ୪୦ ବର୍ଷରୁ କମ ବୟସ୍କଙ୍କ ମଧ୍ୟରେ ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ଏହା ଚିନ୍ତଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଯଦିଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ଏହା ପଛରେ ଜୀବନଶୈଳୀ ନିର୍ଭର କରୁଛି । ବିଗତ କିଛି ବର୍ଷ ମଧ୍ୟରେ ୪୦ ଓ ୫୦ ବର୍ଷରୁ କମ୍ ବୟସ୍କ ସେଲେବ୍ରିଟି ମାନେ ହଠାତ୍ ହୃଦଘାତରେ ମୃତ୍ୟୁବରଣ କରୁଛନ୍ତି । ନିକଟରେ ଏପରି ଅନେକ ଘଟଣା ଦେଖାଦେଇଛି । ଅଭିନେତା ସିଦ୍ଧାର୍ଥ ସୁକ୍ଲା, ଗାୟକ କେକେ, ପୁନୀତ ରାଜକୁମାର, ରାଜ କୌଶଳ ଏବଂ ରାଜୁ ଶ୍ରୀବାସ୍ତବ ମଧ ହଠାତ୍ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି । ବର୍ତ୍ତମାନ ଆଇସିଏମଆର ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡିସି) ୧୮ ବର୍ଷରୁ ୪୫ ବର୍ଷ ବୟସ୍କଙ୍କ ମଧ୍ୟରେ ଦେଖାଦେଉଥିବା ଆକସ୍ମିକ ମୃତ୍ୟୁର କାରଣ ଜାଣିବା ପାଇଁ ଅଧ୍ୟୟନ କରୁଛନ୍ତି । ତେବେ ହଠାତ୍ ହୃଦଘାତ ଜନିତ ମୃତ୍ୟୁକୁ କୋଭିଡ୍-୧୯ ଟୀକା ସହ ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ବିବୃତ୍ତିରେ କୁହାଯାଇଛି ଯେ, ଆକସ୍ମିକ ମୃତ୍ୟୁ ଜିନଗତ ଓ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ହେଉଛି ।